# ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

ସଂଖ୍ୟା........୧୨୨୪୪......../ତା.....୨୭/୧୧/୨୦୨୫

## ଅବସରପ୍ରାପ୍ତକର୍ମଚାରୀ ପାଇଁ ପୁନଃନିଯୁକ୍ତି ର ବିଜ୍ଞାପନ

ଏତଦ୍ଵାରା ଅବସର ପ୍ରାପ୍ତ ସରକାରୀ ରାଜସ୍ୱନିରିକ୍ଷକ/ଅମିନ/ପ୍ରୋସେସ-ସରଭର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବରଗଡ଼-ନୂଆପଡା ରେଳରାସ୍ତା ପ୍ରକଳ୍ପ ପାଇଁ ବରଗଡ଼ ଜିଲ୍ଲା ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚୁକ୍ତିଭିତ୍ତିକ ପୁନଃ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ଵାନ କରାଯାଉଛି। ସାଧାରଣ ଓ ପ୍ରଶାସନ ବିଭାଗ, ଓଡିଶା ସରକାରଙ୍କ ଦ୍ଵାରା ଜାରି କରାଯାଇଥିବା Resolution No. 1409/Dt.27.08.2014 & Office Memorandum No. FIN-CS3-PEN-0001-2018/24533/F;Date.29.09.2022 ର ସମସ୍ତ ସର୍ତ୍ତାବଳି ଅନୁସାରେ, ଏହି ପଦବୀ ପୂରଣ ନିମନ୍ତେ ଆବେଦନକାରୀ ସରକାରୀ କାର୍ଯ୍ୟାଳୟରୁ ଅବସରଗ୍ରହଣ କରିଥିବେ ଏବଂ ୩୧.୦୩.୨୦୨୫ ସୁଦ୍ଧା ତାଙ୍କୁ ୬୫ ବର୍ଷ ରୁ ଅଧିକ ହୋଇନଥିବ । ଏତଦବ୍ୟତୀତ ଯଦି କୌଣସି ଆବେଦନକାରୀଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ (Departmental proceeding) / ଫୌଜଦାରୀ ମାମଲା (Criminal Case), କିମ୍ବା ପାଞ୍ଚବର୍ଷ ମଧ୍ୟରେ ସରକାରୀ କାର୍ଯ୍ୟ ରେ ଅବହେଳା ହେତୁ ଦଣ୍ଡିତ ହୋଇନଥିବେ । ଏହି ସବୁ ପଦବୀ ପୂରଣ ପାଇଁ ସ୍ଥାନୀୟ ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଯଦି ସ୍ଥାନୀୟ/ଆଞ୍ଚଳିକପ୍ରାର୍ଥୀ ନ ମିଳନ୍ତି ତେବେ ଅନ୍ୟ ଜିଲ୍ଲାର ଆବେଦନ ସବୁକୁ ବିଚାରକୁ ନିଆଯିବ ।

| କ୍ର ସଂ | ପଦବୀ | ଖାଲିଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ (ଅର୍ଥ ବିଭାଗ ପତ୍ର ସଂଖ୍ୟା.୨୪୫୩୩/ତା୨୯।୦୯।୨୦୨୨ ଅନୁଯାୟୀ ପ୍ରଯୁଜ୍ୟ |
|---|---|---|---|
| ୧ | ରାଜସ୍ୱ ନିରୀକ୍ଷକ | ୧ | ୨୦,୦୦୦/- |
| ୨ | ଆମିନ | ୧ | ୧୦,୦୦୦/- |
| ୩ | Process Server | ୧ | ୧୦,୦୦୦/- |

ଯୋଗ୍ୟ ପ୍ରାର୍ଥୀ ପେନସନ ପେମେଣ୍ଟ ଅର୍ଡର/ ପ୍ରୋଭିଜନାଲ ପେନସନ ଅର୍ଡର, ତଥାସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ଅବସରକାଳୀନ ଆଦେଶ ର ପ୍ରାମାଣିକ ପତ୍ରର ସ୍ଵସ୍ଵାକ୍ଷରିତ ଅବିକଳ ନକଲ ସହିତ ୨ ଗୋଟି ପାସପୋର୍ଟ ସାଇଜ ଫୋଟୋଗ୍ରାଫ ଆବେଦନ ଫର୍ମ ରେ ସଂଲଗ୍ନ କରି ତା: ..12.12.2025......ରିଖ ୫ ଟା, ସୁଦ୍ଧା ( ସରକାରୀ ଛୁଟି ଦିନ ବ୍ୟତୀତ ) ଜିଲ୍ଲା କାର୍ଯ୍ୟାଳୟ (ଜମି ଅଧିଗ୍ରହଣ ବିଭାଗ), ବରଗଡ଼ , ପିନ-768028, ଠିକଣାରେ କେବଳ Regd post/ Speed post ଜରିଆରେ ପଠାଇ ପାରିବେ । Envelope ଉପରେ ଆବେଦନ କରିଥିବା ପଦବୀର ନାମ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଜରୁରୀ ଅଟେ । ଆବଶ୍ୟକୀୟ ପ୍ରମାଣପତ୍ର, ଅସମ୍ପୂର୍ଣ ଆବେଦନ ପତ୍ର, Regd. Post/Speed Post ବ୍ୟତିତ ଅନ୍ୟ ମାଧ୍ୟମ ରେ କିମ୍ବା ଧାର୍ଯ୍ୟ ତାରିଖ ପରେ କୌଣସି ଆବେଦନ ପତ୍ର ବିଚାର କୁ ନିଆଯିବ ନାହିଁ। ଉପରୋକ୍ତ ବିଜ୍ଞାପନ କୁ କର୍ତ୍ତୃପକ୍ଷ ଇଚ୍ଛାକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କିମ୍ବା ଆଂଶିକ ପରିବର୍ତ୍ତନ/ସଂଶୋଧନ କରି ପାରିବେ।

Land Acquisition Officer, ADA
(Bgh-Npd Rail Line), Bargarh

Memo.......୧୨୨୪୫.........//Dt.୨୭/୧୧/୨୦୨୫

Copy to office Notice Board/ All Tahasildars/All BDOs/ DIO, NIC, Bargarh for wide publication.

Land Acquisition Officer, ADA
(Bgh-Npd Rail Line), Bargarh